ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Forest, Env, CC(Od)/1102/07-10-2023**

# ରାଜ୍ୟ ସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

## ବନ୍ୟଜନ୍ତୁଙ୍କ ସଂରକ୍ଷଣ ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୭/୧୦/୨୦୨୩:

ରାଜ୍ୟ ସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ଆଜି ପୂର୍ବାହ୍ନରେ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ହୋଇଅଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କହିଲେ ଯେ

I congratulate all for the State level celebration of 69th Wildlife Week. This week holds great significance for reaffirmation of our commitments towards conservation and protection of our rich wildlife.

Every single species on the earth is as precious as human beings. Ecosystems are healthy only when their component species including wildlife therein thrive in perfect balance. If one keystone species disappears, the ecosystem is gradually affected posing threat to the very survival of mankind. Thus, conservation of wildlife is of utmost importance for development of human society and balance of nature.

Odisha, blessed with diverse flora and fauna, is a treasure trove of natural wonders. From the melanistic tigers in Similipal to the Olive Ridley turtles nesting on our picturesque beaches, we are fortunate to be custodians of such incredible wildlife. It is our duty to ensure that they thrive in their natural habitats and are preserved for future generations to cherish.

My Government has always remained committed to wildlife conservation. The State has put greater emphasis on community participation in wildlife conservation.

I congratulate Sri Bipin Bihari Pradhan of Khurdha and Sri Aswini Dash of Balasore for being awarded with Biju Patnaik Award for Wildlife Conservation. I believe, this will be a great inspiration for the people working for wildlife conservation across the state. I congratulate all the award winners.

On this occasion, I appeal the people of my State to join hands for protection and conservation of Wildlife and restoration of Ecosystem.

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ପ୍ରଦିପ କୁମାର ଅମାତ କହିଲେ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ଜଣେ ପ୍ରକୃତିପ୍ରେମୀ । ସେହି କ୍ରମରେ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ସମୃଦ୍ଧି ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ । କାରଣ ଜଙ୍ଗଲ ରହିଲେ ଆମେ ରହିବା । ବନ୍ୟଜନ୍ତୁକୃତ କ୍ଷୟକ୍ଷତି ପାଇଁ ରାଜ୍ୟ ସରକାର ବିଜୁ ପକ୍କାଘର, ତ୍ୱରିତ ଆର୍ଥିକ ସହାୟତା ଆଦି ଅନେକ ବ୍ୟବସ୍ଥା କରିଛନ୍ତି । ତେଣୁ ବନ୍ୟଜନ୍ତୁ ମୁଖ୍ୟତଃ ହାତୀମାନେ ଫସଲ କିମ୍ବା ଗୃହ ନଷ୍ଟ କଲେ ସେମାନଙ୍କ ପ୍ରତି ହିଂସାପରାୟଣ ନହୋଇ ସରକାରୀ ପ୍ରୋତ୍ସାହନ ସାହାଯ୍ୟରେ ପୁନଶ୍ଚ ଅଧିକ ସଶକ୍ତ ଗୃହ ନିର୍ମାଣ କରିବା ପାଇଁ ମନ୍ତ୍ରୀ ଶ୍ରୀ ଅମାତ କହିଛନ୍ତି । ସମସ୍ତଙ୍କର ସହଯୋଗ ବିନା ଜଙ୍ଗଲ ସୁରକ୍ଷା ସମୃଦ୍ଧି ଅସମ୍ଭବ । ନନ୍ଦନକାନନକୁ କେବଳ ଦେଶର ନୁହେଁ ବରଂ ସମଗ୍ର ବିଶ୍ୱର ଏକ ପ୍ରମୁଖ

ପ୍ରାଣୀ ଉଦ୍ୟାନରେ ରୂପାନ୍ତରିତ କରିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର । ଏହାକୁ ସାକାର କରିବା ପାଇଁ ମନ୍ତ୍ରୀ ଶ୍ରୀ ଅମାତ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ଦେବୀଦତ୍ତ ବିଶ୍ୱାଳ ମହାତ୍ମା ଗାନ୍ଧୀଙ୍କର ଏକ ସୁନ୍ଦର ବାକ୍ୟକୁ ଉଦ୍ଧୃତ କରି କହିଲେ ଯେ ଗୋଟିଏ ଜାତିର ମହାନତା ଓ ନୈତିକ ପ୍ରଗତି ସେ ଜୀବଜନ୍ତୁମାନଙ୍କୁ କିପରି ବ୍ୟବହାର କରୁଛନ୍ତି ସେଥିରୁ ଆକଳନ କରାଯାଇପାରେ । ବାସ୍ତବରେ ଜଙ୍ଗଲ ଓ ଜୀବଜନ୍ତୁ ପ୍ରକୃତିର ଏକ ଅଭିନ୍ନ ଅଙ୍ଗ । ଉଭୟେ ଉଭୟଙ୍କର ପରିପୂରକ । ଜନସାଧାରଣଙ୍କ ଆନ୍ତରିକ ସହଯୋଗ ବିନା ସେମାନଙ୍କର ସୁରକ୍ଷା ସମ୍ଭବ ନୁହେଁ । ଜନସାଧାରଣଙ୍କୁ ସଚେତନ କରିବାରେ ଗଣମାଧ୍ୟମ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥାଏ । ତେଣୁ ଗଣମାଧ୍ୟମକୁ ମଣିଷ ଓ ବନ୍ୟଜନ୍ତୁ ସଂଘର୍ଷକୁ ଅଧିକ ସମ୍ବେଦନଶୀଳ ହୋଇ ଉପସ୍ଥାପନା କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ବିଶ୍ୱାଳ କହିଥିଲେ ।

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶ୍ରୀ ସୁଶୀଲ କୁମାର ପୋପଲି ସ୍ୱାଗତ ଭାଷଣରେ ଏହି ଉତ୍ସବ ପାଳନର ଉଦ୍ଦେଶ୍ୟ ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ଓ ସେମାନଙ୍କ ଆବାସସ୍ଥଳୀର ଅଭିବୃଦ୍ଧି ପାଇଁ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସବିଶେଷ ସୂଚନା ପ୍ରଦାନ କରିଥିଲେ ।

ଚଳିତ ବର୍ଷ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ବିଜୁପଟ୍ଟନାୟକ ପୁରସ୍କାରର ଯୁଗ୍ମ ବିଜେତା ଖୋର୍ଦ୍ଧା ଜିଲ୍ଲା ନାନପଡ଼ାର ଶ୍ରୀ ବିପିନ ବିହାରି ପ୍ରଧାନ ଓ ବାଲେଶ୍ୱର ଜିଲ୍ଲା ଗୋପାଳପୁରର ଶ୍ରୀ ଅଶ୍ୱିନି କୁମାର ଦାସଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସାଧୁବାଦ ଜଣାଇଥିଲେ ।

ଏହି ଉତ୍ସବ ପାଳନ ଅବସରରେ ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ଫଟୋଚିତ୍ର ପ୍ରଦର୍ଶନୀ କରାଯାଇଥିଲା । କ୍ୱିଜ୍, ଫଟୋଗ୍ରାଫି ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଜେତାମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା । "Wildlife Odisha 2023", "Majestic Stripes: A Pictorial Tribute to Tigers of Odisha", "Many Moods of Elephants of Odisha: Beauty & Majesty Unveiled", "Unforgettable Impressions" ଓ "Debrigarh-The Seen & The Unseen" ୫ ଗୋଟି ପୁସ୍ତକ ମଧ୍ୟ ଉନ୍ମୋଚନ କରାଯାଇଥିଲା ।

ପରିଶେଷରେ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଶ୍ରୀ ମନୋଜ ଭି. ନାୟର ଧନ୍ୟବାଦ ଅର୍ପଣ କରିଥିଲେ ।

ସୌରଭ ପ୍ରଧାନ
ସୂଚନା ଅଧିକାରୀ